# NATIONAL NEWS BULLETIN (ODIA)

## 8 December - 2024

### Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ୨୦୪୭ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୧୦ଟି ସାମୁଦ୍ରିକ ରାଷ୍ଟ୍ର ମଧ୍ୟରେ ସ୍ଥାନ ପାଇବ ଭାରତ - କହିଛନ୍ତି କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ।
- ଆଜିଠାରୁ ତିନିଦିନିଆ ରୁଷ୍ ଗସ୍ତରେ ଯିବେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ।
- ୧୦୦ ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବାପରେ ଯକ୍ଷ୍ମାମୁକ୍ତ ଭାରତ ଲାଗି ଉଦ୍ୟମ ଆହୁରି ସୁଦୃଢ଼ ହୋଇଛି -କହିଲେ ପ୍ରଧାନମନ୍ତ୍ରୀ ।
- ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ମାନାମାରେ ପହଞ୍ଚିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ତୃତୀୟ ଦିନରେ ଆଜି ୧୨୮ ରନ୍‌ରୁ ଖେଳ ଆରମ୍ଭ କରିବ ଭାରତ ।

# ସୋନୱାଲ

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ କହିଛନ୍ତି ଭାରତ ୨୦୪୭ ସୁଦ୍ଧା ବିଶ୍ୱର ଶ୍ରେଷ୍ଠ ୧୦ଟି ସାମୁଦ୍ରିକ ରାଷ୍ଟ୍ରମଧ୍ୟରେ ସ୍ଥାନ ପାଇବ । ଏବେ ଦେଶର ବନ୍ଦର ଗୁଡ଼ିକରେ ଦ୍ରବ୍ୟ ପରିବହନ କ୍ଷମତାକୁ ଦ୍ରୁତଗତିରେ ବୃଦ୍ଧି କରାଯାଉଛି, ଫଳରେ ଜାହାଜ ନିର୍ମାଣ ଏବଂ ମରାମତି କ୍ଷେତ୍ରରେ ଦୃଢ଼ ଭିତ୍ତିଭୂମି ସୃଷ୍ଟି ହେଉଛି । ଗତକାଲି ଚେନ୍ନାଇର କାମରାଜ ପୋର୍ଟଟ୍ରଷ୍ଟର ରୌପ୍ୟଜୟନ୍ତୀ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ସୋନୱାଲ ଏହା କହିଛନ୍ତି ।

ଶ୍ରୀ ସୋନୱାଲ ଏହି ଅବସରରେ ୫୪୫କୋଟି ବ୍ୟୟବରାଦରେ କ୍ୟାପିଟାଲ ଡ୍ରେଜିଙ୍ଗ ସମନ୍ୱିତ କମାଣ୍ଡ ଏବଂ କଣ୍ଟ୍ରୋଲ ସେଣ୍ଟରର ଶିଳାନ୍ୟାସ କରିଛନ୍ତି । ସେ କହିଛନ୍ତି ଭବିଷ୍ୟତରେ ସମ୍ପ୍ରସାରଣର ସମ୍ଭାବନା ସହିତ ଦକ୍ଷ କୋଇଲା ପରିଚାଳନାକୁ ପ୍ରୋତ୍ସାହିତ କରି ଚେନ୍ନାଇ ବନ୍ଦରରେ ଭିଡ଼ ହ୍ରାସ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ସେ କହିଛନ୍ତି ଆଇ.ଓ.ସି.ଏଲ୍ ଜେଟି ବାର୍ଷିକ ୩ ନିୟୁତ ଟନ୍ କ୍ଷମତା ବୃଦ୍ଧି କରିବ । ଏହାଛଡା ୩୨କୋଟି ଟଙ୍କା ବ୍ୟୟରେ  ସ୍ଥାପିତ ହେବାକୁ ଥିବା

ସାମୁଦ୍ରିକ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଦ୍ୱାରା ବନ୍ଦରର ଆବଶ୍ୟକତା ସହ ଉପକୂଳବର୍ତ୍ତୀ ଅଞ୍ଚଳର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରିବ ।

## ରାଜନାଥ-ରୁଷ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜିଠାରୁ ତିନିଦିନିଆ ରୁଷ୍ ଗସ୍ତରେ ଯିବେ । ଗସ୍ତ ସମୟରେ ଶ୍ରୀ ସିଂହ ତାଙ୍କ ରୁଷ୍ ପ୍ରତିପକ୍ଷ ଆଣ୍ଡ୍ରୁ ବେଲୁଶୋଭଙ୍କ ସହ ମସ୍କୋରେ ଏକବିଂଶ ଭାରତ-ରୁଷ ଆନ୍ତଃ ସରକାରୀ ଆୟୋଗ ଅନ୍ତର୍ଗତ ସାମରିକ ବୈଷୟିକ ସହଯୋଗ ବୈଠକରେ ଅଧ୍ୟକ୍ଷତା କରିବେ ।

ଉଭୟନେତା ସାମରିକ ଏବଂ ଶିଳ୍ପ ସହଯୋଗ ସମେତ ପ୍ରତିରକ୍ଷା କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଥିବା ସହଯୋଗ କ୍ଷେତ୍ରର ସମୀକ୍ଷା କରିବେ । ଆଲୋଚନା କାଳରେ ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ତଥା ବିଶ୍ୱସ୍ତରୀୟ ପ୍ରସଙ୍ଗ ଗୁଡ଼ିକ ସ୍ଥାନ ପାଇବାର ସମ୍ଭାବନା ରହିଛି ।

ଡିସେମ୍ବର ୯ରେ ମନ୍ତ୍ରୀ ଶ୍ରୀ ସିଂହ ୟାନ୍ତ୍ରା ସିପିୟାଡରେ ଭାରତୀୟ ନୌସେନାର ଆଇଏନ୍ଏସ୍ ତୁସିଲରେ କ୍ଷେପଣାସ୍ତ୍ର ବ୍ୟବସ୍ଥାର ଶୁଭାରମ୍ଭ କରିବେ । ନୌସେନା ମୁଖ୍ୟ ଆଡମିରାଲ ଦୀନେଶ କେ. ତ୍ରିପାଠୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ ।

ପ୍ରତିରକ୍ଷାମନ୍ତ୍ରୀ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସହିଦ ହୋଇଥିବା ଶୋଭିଏତ୍‌ର ସୈନିକମାନଙ୍କୁ ଅଜ୍ଞାତ ସେନାନିଙ୍କ ସ୍ମାରକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ । ଗସ୍ତକାଳରେ ମନ୍ତ୍ରୀ ଶ୍ରୀ ସିଂହ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ।

## ପିଏମ୍-ବାପ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଉପରେ ସମଗ୍ର ବିଶ୍ୱରେ ଆଲୋଚନା ଚାଲିଛି। ଯୁବବର୍ଗଙ୍କୁ ନୂତନ ସୁଯୋଗ ଦେବା ଲକ୍ଷ୍ୟରେ ଆସନ୍ତା ଜାନୁୟାରୀ ମାସରେ ବିକଶିତ ଭାରତ ଯୁବନେତା ଆଲୋଚନାର ଆୟୋଜନ କରାଯିବ ବୋଲି ସେ କହିଛନ୍ତି। ଅହମ୍ମଦାବାଦରେ ଆୟୋଜିତ "ବ୍ୟାପ୍‌ସ କାର୍ଯ୍ୟକର୍ତ୍ତା ସୁବର୍ଣ୍ଣ ମହୋତ୍ସବ"କୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି। ୟୁକ୍ରେନ୍ ଯୁଦ୍ଧ ସମୟରେ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାରେ ବ୍ୟାପ୍‌ସ ପ୍ରୟାସକୁ ସେ ଉଚ୍ଚପ୍ରଶଂସା କରିଛନ୍ତି। ସେ କହିଛନ୍ତି କିଛିମାସ ତଳେ ଆବୁଧାବିରେ ଭଗବାନ ସ୍ୱାମୀ ନାରାୟଣସ୍ୱାମୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏଭଳି ପଦକ୍ଷେପ ମାଧ୍ୟମରେ ସମଗ୍ର ବିଶ୍ୱ ଭାରତର ସାଂସ୍କୃତିକ ବିବିଧତା ଏବଂ ଆଧ୍ୟାତ୍ମିକ ଐତିହ୍ୟକୁ ଦେଖିବାର ସୁଯୋଗ

ପାଇଛି। ଭାରତର ସାଂସ୍କୃତିକ ଗୌରବ ଏବଂ ମାନବୀୟ ଉଦାରତା ବିଷୟରେ ବିଶ୍ୱ ଅବଗତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବିଶ୍ୱବ୍ୟାପୀ ୩୦ଟି ଦେଶର ୧ ଲକ୍ଷରୁ ଊର୍ଦ୍ଧ୍ୱ "ବୋଚାସନ୍ନ୍ୟାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା – ବାପ୍ସ" ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରୁଛନ୍ତି।

ଚଳିତବର୍ଷ ଜାନୁଆରୀ ୨୮ରୁ ଆରମ୍ଭ ହୋଇଥିବା କାର୍ଯ୍ୟକାର ସୁବର୍ଣ୍ଣ ମହୋତ୍ସବ ପାଳନ ଗତକାଲି ଗ୍ରାଣ୍ଡ ଫିନାଲେ ସହ ଅହମ୍ମଦାବାଦରେ ଶେଷ ହୋଇଛି । ଏଥିରେ ଭାରତ ସମେତ ବ୍ରିଟେନ, ୟୁରୋପ, ଆମେରିକା, ଅଷ୍ଟ୍ରେଲିଆ ଓ ମଧ୍ୟପ୍ରାଚ୍ୟର ଅନେକ ଦେଶର ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ ।

# ପିଏମ୍-ଟିବି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଦେଶରେ ଅଧିକ ଯକ୍ଷ୍ମା ପ୍ରଭାବିତ ଜିଲ୍ଲା ଗୁଡ଼ିକରେ ୧୦୦ଦିନିଆ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବା ପରେ ଯକ୍ଷ୍ମାମୁକ୍ତ ଭାରତ ଲାଗି ଅଭିଯାନ ଆହୁରି ସୁଦୃଢ଼ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଏହି ୧୦୦ଦିନିଆ

ଯୋଜନାରେ ଯକ୍ଷ୍ମା ରୋଗୀଙ୍କୁ ଅଧିକ ସହାୟତା ଯୋଗାଇ ଦିଆଯିବା ସହ ନୂତନ ଔଷଧ, ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଏବଂ ରୋଗ ଚିହ୍ନଟ ପ୍ରକ୍ରିୟା ଉପରେ ଗୁରୁତ୍ୱ ଦିଆଯିବ । ଯକ୍ଷ୍ମା ନିରାକରଣ ପାଇଁ ସମସ୍ତେ ଉଦ୍ୟମ କରିବା ଲାଗି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ଏହା ପୂର୍ବରୁ ଏହି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଥିଲେ ପ୍ରଭାବଶାଳୀ ପଦକ୍ଷେପ ଯୋଗୁଁ ଦେଶରେ ଯକ୍ଷ୍ମା ସଂକ୍ରମଣ ହ୍ରାସ ପାଇଛି ଏବଂ ଯକ୍ଷ୍ମା ମୁକାବିଲାରେ ଭାରତର ପଦକ୍ଷେପ ସଫଳ ପ୍ରମାଣିତ ହୋଇଛି ।

## ଅଷ୍ଟଲକ୍ଷ୍ମୀ ମହୋତ୍ସବ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆରମ୍ଭ ହୋଇଥିବା ଅଷ୍ଟଲକ୍ଷ୍ମୀ ମହୋତ୍ସବରେ ଉତ୍ତର-ପୂର୍ବ ଭାରତର ବିବିଧତା ଓ ସାଂସ୍କୃତିକ ସମୃଦ୍ଧିକୁ ଅଗ୍ରାଧିକାର ମିଳିଛି । ଅରୁଣାଚଳ ପ୍ରଦେଶ, ମେଘାଳୟ, ମଣିପୁର, ନାଗାଲାଣ୍ଡ, ମିଜୋରାମ, ତ୍ରିପୁରା ଏବଂ ସିକ୍କିମର ହସ୍ତତନ୍ତ ଓ ସାଂସ୍କୃତିକ ସୌନ୍ଦର୍ଯ୍ୟ ପ୍ରଦର୍ଶିତ ହେଉଛି । ଆଜି ଶେଷ ହେବାକୁ ଥିବା ଏହି ମହୋତ୍ସବରେ ୨୫୦ରୁ ଅଧିକ କାରିଗର ୩୪ଟି ଜିଆଇ ଟ୍ୟାଗ୍‌ଯୁକ୍ତ

ସାମଗ୍ରୀର ପ୍ରଦର୍ଶନ ସହ ବିଭିନ୍ନ ହସ୍ତଶିଳ୍ପ, ହସ୍ତତନ୍ତ ଓ କୃଷିଜାତ ଦ୍ରବ୍ୟର ପ୍ରଦର୍ଶନ କରୁଛନ୍ତି ।

ଗତକାଲି ମହୋତ୍ସବର ଏକ ଅଧିବେଶନକୁ ସମ୍ବୋଧିତ କରି ଉତ୍ତର-ପୂର୍ବାଞ୍ଚଳ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଥିଲେ କେନ୍ଦ୍ର ସରକାର ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରୁଛନ୍ତି ।

## ଜୟଶଙ୍କର

ମାନାମା କଥାବାର୍ତ୍ତାରେ ଅଂଶଗ୍ରହଣ କରିବା ପାଇଁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତରାତିରେ ମାନାମାରେ ପହଞ୍ଚିଛନ୍ତି । ଦୋହାରେ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଆଲୋଚନା ପରେ ମାନାମା ଗସ୍ତ ଭାରତର ବିଶ୍ୱସ୍ତରୀୟ ଆହ୍ୱାନର ମୁକାବିଲା ଦିଗରେ ସକ୍ରିୟ ଆଭିମୁଖ୍ୟକୁ ପ୍ରଦର୍ଶନ କରୁଛି । ଡକ୍ଟର ଜୟଶଙ୍କର ମାନାମାରେ ପହଞ୍ଚିବା ପରେ ବାହାରିନ୍‌ର ବୈଦେଶିକ ମନ୍ତ୍ରୀ ଡକ୍ଟର ଅବଦୁଲାତିଫ-ବିନ୍-ରସିଦ୍-ଅଲ୍-ଜାୟାନି ତାଙ୍କୁ ସ୍ୱାଗତ କରିଥିଲେ ।

ଦୋହା ଗସ୍ତ ସମୟରେ ଶ୍ରୀ ଜୟଶଙ୍କର 'ନୂଆ ଯୁଗରେ ସଂଘର୍ଷ ମଧ୍ୟସ୍ଥତା' ଶୀର୍ଷକ ଦଳଗତ ଆଲୋଚନାରେ ଭାଗ ନେଇଥିଲେ । ଭୌଗୋଳିକ ଦୃଷ୍ଟିକୋଣରୁ ଦୂରରେ ରହୁଥିଲେ ମଧ୍ୟ ଭାରତର ଅର୍ଥନୀତି ଏବଂ ନିରାପତ୍ତା ଉପରେ ସଂଘର୍ଷର ପ୍ରଭାବ ପଡିଥାଏ ବୋଲି ସେ ଏହି ଆଲୋଚନାରେ କହିଥିଲେ । ଡକ୍ଟର ଜୟଶଙ୍କର ୟୁକ୍ରେନ୍ ସଂଘର୍ଷ ପ୍ରସଙ୍ଗରେ ମଧ୍ୟ ଭାରତର କୂଟନୈତିକ ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଉପରେ ଭାରତ ସର୍ବଦା ଗୁରୁତ୍ୱ ପ୍ରଦାନ କରିଆସିଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ଦେଶର ସାଢ଼େ ୪ ହଜାରରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ।

## ସିରିଆନ୍ ରେବଲ୍ସ

ସିରିଆରେ ଦୀର୍ଘଦିନ ଧରି ଚାଲିଥିବା ସଂଘର୍ଷରେ ବିଦ୍ରୋହୀ ଦମାସକସକୁ ଅକ୍ତିଆର କରିବା ପାଇଁ ବିଦ୍ରୋହୀମାନଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ୨୦୧୮ ମସିହା ପରେ ପ୍ରଥମଥର ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ହାୟାତ ତାହିର-ଅଲ୍-ସାମଙ୍କ

ନେତୃତ୍ୱାଧୀନ ବିଦ୍ରୋହୀ ମେଣ୍ଟର ମୁଖପାତ୍ର ହସନ ଅବଦୁଲ ଘାନି ଟେଲିଗ୍ରାମ ଜରିଆରେ ଏହି ବିଷୟ ଘୋଷଣା କରି କହିଛନ୍ତି ଯେ ଦମାସକସକୁ ଅକ୍ତିଆର କରିବା ଲାଗି ସେମାନଙ୍କ ଅଭିଯାନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ।

ଅନ୍ୟପକ୍ଷରେ ସଂପୃକ୍ତ ଅଞ୍ଚଳରେ ସ୍ଥଳ ଓ ବାୟୁସେନା ମୁତୟନ କରିବାକୁ ଇସ୍ରାଏଲ ଡିଫେନ୍ସ ଫୋର୍ସ ଘୋଷଣା କରିଛି । ଗତକାଲି ରାତିରେ ଇସ୍ରାଏଲ ସେନା ନିକଟରେ ଥିବା ହାଦର ସହର ନିକଟରେ ଏକ ଆକ୍ରମଣକୁ ପଣ୍ଡ କରିବା ଲାଗି ଜାତିସଂଘ ସେନାକୁ ଇସ୍ରାଏଲ ସେନା ସହାୟତା ପ୍ରଦାନ କରିଥିଲା ।

## ଗୋୟଲ-ଇଣ୍ଡିଆ-ନରୱେ

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ ଆଜି ମୁମ୍ବାଇରେ ନରୱେର ରାଷ୍ଟ୍ରଦୂତ ଏଲିନ ଷ୍ଟେନରଙ୍କ ନେତୃତ୍ୱରେ ଆସିଥିବା ଏକ ଶିଳ୍ପ ପ୍ରତିନିଧି ଦଳ ସହ ସାକ୍ଷାତ୍ ଆଲୋଚନା କରିବେ । କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଏହି ଆଲୋଚନାରେ ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ବାର୍ତ୍ତାଳାପ ହେବ । ବିଶେଷକରି ଭାରତ' ୟୁରୋପୀୟ ମୁକ୍ତ

ବାଣିଜ୍ୟ ସଂଘଠାରୁ ୧୦୦ ବିଲିୟନ ଡଲାରର ପୁଞ୍ଜିନିବେଶ ପାଇଁ ଉଦ୍ୟମ କରିବ ।

## କ୍ରିକେଟ୍- ଇଣ୍ଡିଆ,ଅଷ୍ଟ୍ରେଲିଆ

ଆଡିଲେଡ୍‌ର ଓଭାଲଠାରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟମ୍ୟାଚ୍ ଆଜି ତୃତୀୟ ଦିନରେ ଭାରତ ୫ ୱିକେଟ୍ ଓ ୧୨୮ରନ୍‌ରୁ ଖେଳ ଆରମ୍ଭ କରିବ । ଭାରତୀୟ ସମୟ ସକାଳ ୯ଟା ୩୦ ମିନିଟ୍‌ରେ ଖେଳ ଆରମ୍ଭ ହେବ । ପ୍ରଥମ ଇନିଂସ୍ ସ୍କୋରଠାରୁ ଭାରତ ଅଣତିରିଶ ରନ୍ ପଛରେ ରହିଛି । ରିଷଭ ପନ୍ତ ଏବଂ ନୀତିଶ ରେଡ୍ଡୀ କ୍ରିଜ୍‌ରେ ଅଛନ୍ତି ।

ପ୍ରଥମ ଇନିଂସ୍‌ରେ ଅଷ୍ଟ୍ରେଲିଆ ୩୩୭ରନ୍‌ରେ ଅଲ୍‌ଆଉଟ୍ ହୋଇ ୧୫୭ ରନ୍ ଆଗରେ ରହିଥିଲା । ଟ୍ରାଭିସ ହେଡ୍ ୧୪୧ଟି ବଲ୍‌ରୁ ୧୪୦ ରନ୍ ସ୍କୋର କରିଥିଲେ । ମହମ୍ମଦ ସିରାଜ ଏବଂ ଯଶପ୍ରୀତି ବୁମ୍‌ରା ୪ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ମ୍ୟାଚ୍‌ର ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ୮୬ରନ୍ ଏବଂ ଗୋଟିଏ ୱିକେଟ୍‌ରେ ଖେଳ ଆରମ୍ଭ କରିଥିଲା । ତେବେ ପ୍ରଥମ ଇନିଂସ୍‌ରେ ଭାରତ ମାତ୍ର ୧୮୦ ରନ୍ ସ୍କୋର

କରିବାରେ ସକ୍ଷମ ହୋଇଥିଲା ।ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ପର୍ଥ ଟେଷ୍ଟରେ ବିଜୟଲାଭ କରି ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।

## ହକି-ଏସିଆ କପ୍

ଓମାନର ମସ୍କଟଠାରେ ଚାଲିଥିବା ମହିଳା ଜୁନିୟର ଏସିଆ କପ୍ ହକିର ପ୍ରଥମ ମ୍ୟାଚ୍‌ରେ ଆଜି ଭାରତ ଏବଂ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ । ଅଧିନାୟକ ଜ୍ୟୋତି ସିଂହ ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ସାକ୍ଷୀ ରାଣା ଉପ ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି ।

ଗତକାଲି ପ୍ରତିଯୋଗିତାର ପ୍ରଥମ ଗ୍ରୁପ୍-ଏ ମ୍ୟାଚ୍‌ରେ ଚୀନ୍ ୧୯ଟି ଗୋଲ୍‌ରେ ବାଂଲାଦେଶକୁ ପରାସ୍ତ କରିଥିଲା । ଗ୍ରୁପ୍-ଏର ଅନ୍ୟଏକ ମ୍ୟାଚ୍‌ରେ ମାଲେସିଆ ୩-୦ ଗୋଲ୍‌ରେ ଥାଇଲାଣ୍ଡକୁ ପରାସ୍ତ କରିଥିବାବେଳେ ଗ୍ରୁପ୍-ବି ମ୍ୟାଚ୍‌ରେ ଜାପାନ’ ଶ୍ରୀଲଙ୍କାକୁ ୧୫-୦ ଗୋଲ୍‌ରେ ପରାସ୍ତ କରିଥିଲା ।

ଏହି ପ୍ରତିଯୋଗିତାରେ ୧୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ଗ୍ରୁପ୍-ଏରେ ଭାରତ, ଚୀନ, ମାଲେସିଆ, ଥାଇଲାଣ୍ଡ ଏବଂ ବାଂଲାଦେଶ ରହିଥିବାବେଳେ ଗ୍ରୁପ୍-ବିରେ ଦକ୍ଷିଣକୋରିଆ, ଜାପାନ, ଚୀନ୍‌ତାଇପେଇ, ହଂକଂ ଏବଂ ଶ୍ରୀଲଙ୍କା ରହିଛନ୍ତି ।